**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**27 April - 2024**

**News Editor : *Tapan Kumar Moharana***

# ପ୍ରଥମ ପର୍ଯ୍ୟାୟ ଯାଞ୍ଚ ଶେଷ

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଯାଞ୍ଚ ପ୍ରକ୍ରିୟା ଗତକାଲି ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ୪ଟି ଲୋକସଭା ଆସନରେ ମୋଟ ୩୮ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଛି। ଏଥିରୁ କୋରାପୁଟ ଲୋକସଭା ଆସନରେ ସର୍ବାଧିକ ୧୨ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ବ୍ରହ୍ମପୁର ଓ କଳାହାଣ୍ଡି ଲୋକସଭା ଆସନରେ ୧୧ ଜଣ ଲେଖାଏଁ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର, ନବରଙ୍ଗପୁରରେ ୪ ଜଣଙ୍କର ପ୍ରାର୍ଥୀପତ୍ର କାଏମ ରହିଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ସେହିଭଳି ୨୮ଟି ବିଧାନସଭା ଆସନରେ ୨୬୬ ଜଣ ପ୍ରାର୍ଥୀ ନାମାଙ୍କନପତ୍ର କାଏମ ରହିଥିବା ଜଣାପଡ଼ିଛି । ସେଥିମଧ୍ୟରୁ ବ୍ରହ୍ମପୁରରେ ସର୍ବାଧିକ ୨୦ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଅନ୍ୟପକ୍ଷରେ ନବରଙ୍ଗପୁର ଜିଲ୍ଲାର ଝରିଗାଁ ଓ ଡାବୁଗାଁରେ ସର୍ବନିମ୍ନ ୩ଜଣ ଲେଖାଏଁ ପ୍ରାର୍ଥୀ ଅଛନ୍ତି । ଆସନ୍ତା ୨୯ ତାରିଖ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷଦିନ ରହିଛି । ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଏହି ୪ଟି ଲୋକସଭା କ୍ଷେତ୍ର ଏବଂ ୨୮ଟି ବିଧାନସଭା କ୍ଷେତ୍ରରେ ଆସନ୍ତା ମଇମାସ ୧୩ ତାରିଖରେ ଅନୁଷ୍ଠିତ ହେବ ।

## ନଡ୍ଡା-ରାହୁଲ ଙ୍କ ଓଡ଼ିଶା ଗସ୍ତ

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଆସନ୍ତାକାଲି ଦିନିକିଆ ଓଡିଶା ଗସ୍ତରେ ଆସିବେ । ଶ୍ରୀ ନଡ୍ଡା ନବରଙ୍ଗପୁର ଓ ବ୍ରହ୍ମପୁର ଲୋକସଭା କ୍ଷେତ୍ର ଗସ୍ତ କରି ନିର୍ବାଚନୀ ସଭାରେ ଯୋଗଦେବେ। ପ୍ରଥମେ ବ୍ରହ୍ମପୁର ଏବଂ ପରେ ନବରଙ୍ଗପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।

କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ମଧ୍ୟ ଆସନ୍ତାକାଲି ଓଡ଼ିଶା ଗସ୍ତରେ ଆସି ଦଳର ପ୍ରଚାର କାର୍ଯ୍ୟରେ ଭାଗ ନେବେ । ସୂଚନା ଅନୁସାରେ ରାହୁଲ ଗାନ୍ଧୀ ସାଲେପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସତ୍ୟଭାମାପୁରରେ ଏକ ନିର୍ବାଚନୀ ସଭାରେ ଯୋଗଦେବେ ।

---

## ଫ୍ଲାଗମାର୍ଚ

ଆଗାମୀ ସାଧାରଣ ନିର୍ବାଚନରେ ମତଦାତାଙ୍କ ମନରେ ଆତ୍ମବିଶ୍ୱାସ ବଢାଇବା ସହ ଭୟମୁକ୍ତ ନିର୍ବାଚନ ପାଇଁ ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅଞ୍ଚଳରେ ପୋଲିସର ଫ୍ଲାଗ ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ଏହି ଫ୍ଲାଗ ମାର୍ଚ୍ଚରେ ଏକ କମ୍ପାନୀ ସିଆରପିଅଫ ଯବାନ ଓ ବାଣପୁର ଥାନାର ସମସ୍ତ କର୍ମଚାରୀ ଭାଗ ନେଇଥିଲେ।

---

# ଜେଇଇ ଆଡଭାନ୍ସଡ୍

ଆସନ୍ତା ମଇ ମାସ ୨୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜେଇଇ ଆଡଭାନ୍ସଡ ପରୀକ୍ଷା ପାଇଁ ଆଜିଠାରୁ ପଞ୍ଜୀକରଣ ଆରମ୍ଭ ହେବ । ଦେଶରେ ୨ ଲକ୍ଷ ୫୦ ହଜାର ୨୮୪ ଜଣ ଛାତ୍ରଛାତ୍ରୀ ଜେଇଇ ଆଡଭାନ୍ସଡ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଛାତ୍ରଛାତ୍ରୀ ୱେବ୍‌ସାଇଟ୍ **www.jeeadv.ac.in** କୁ ଲଗ୍‌ଇନ୍ କରି ପଞ୍ଜୀକରଣ କରିପାରିବେ । ଆସନ୍ତା ମଇମାସ ୭ ତାରିଖ ପଞ୍ଜୀକରଣ କରିବାର ଶେଷଦିନ ରହିଛି । ଜେଇଇ ଆଡଭାନ୍ସଡ ର ପରୀକ୍ଷା ଫଳ ଜୁନ୍ ୯ ତାରିଖରେ ପ୍ରକାଶ ପାଇବ । ସୂଚନାଯୋଗ୍ୟ ଦେଶର ସରକାରୀ ଏବଂ ବେସରକାରୀ ଇଞ୍ଜିନିୟରିଂ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ବି.ଟେକ୍, ବି.ଆର୍କ, ବି.ଫାର୍ମା ଆଦି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଏନ୍‌ଟିଏ ଦ୍ୱାରା ପରିଚାଳିତ ଜେଇଇ ମୁଖ୍ୟର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଫଳ ପ୍ରକାଶ ପାଇସାରିଛି ।

# ୨ୟ ପର୍ଯ୍ୟାୟ ମତଦାନ ହାର

ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଗତକାଲି  ପ୍ରାୟ ୬୩ ପ୍ରତିଶତ ମତଦାନ ହୋଇଥିବା ଭାରତର ନିର୍ବାଚନ କମିଶନଙ୍କ ତରଫରୁ କୁହାଯାଇଛି । ତ୍ରିପୁରା ଏବଂ ମଣିପୁରରେ ସର୍ବାଧିକ  ମତଦାନ ହୋଇଥିବା ବେଳେ  ଉତ୍ତରପ୍ରଦେଶ ଏବଂ ବିହାରରେ ମତଦାନ ହାର କମ୍ ଥିଲା । ମହାରାଷ୍ଟ୍ର, ବିହାର ଓ ଉତ୍ତରପ୍ରଦେଶରେ ହାରହାରି ୫୫ ପ୍ରତିଶତ

ମତଦାନ ହୋଇଥିବା ନିର୍ବାଚନ କମିଶନଙ୍କ ରିପୋର୍ଟରୁ ଜଣାପଡ଼ିଛି । ସୂଚନାଯୋଗ୍ୟ ୧୨ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୮୮ଟି ଲୋକସଭା ଆସନ ପାଇଁ ଗତକାଲି ଭୋଟ ନିଆଯାଇଥିଲା ।

## ସ୍ୱାଭାବିକ ମୌସୁମୀ ବର୍ଷା

ଚଳିତବର୍ଷ ସ୍ୱାଭାବିକ ଠାରୁ ଅଧିକ ମୌସୁମୀ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି । ଏହି ପରିପ୍ରେକ୍ଷୀରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଯେ ପାଣିପାଗ ବିଭାଗର ମୌସୁମୀ ବର୍ଷା ଆକଳନ ମୁଦ୍ରାସ୍ଫୀତି ପାଇଁ ଶୁଭ ସଂକେତ । ଶ୍ରୀମତୀ ସୀତାରମଣ କହିଛନ୍ତି ସ୍ୱାଭାବିକ ଠାରୁ ଅଧିକ ମୌସୁମୀ ବର୍ଷା ହେବାର ପୂର୍ବାନୁମାନ କୃଷିଜାତ ଦ୍ରବ୍ୟର ଉତ୍ପାଦନ ବଢ଼ିବ ଏବଂ ଖାଦ୍ୟର ମୂଲ୍ୟ ହ୍ରାସ ପାଇବ ବୋଲି ଆଶା କରାଯାଉଛି । ଅନ୍ୟପକ୍ଷରେ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଗତ ବୁଧବାର ଦିନ ଜାରି କରାଯାଇଥିବା ଅର୍ଥନୈତିକ ରିପୋର୍ଟରେ କୁହାଯାଇଛି ଯେ ବିଶ୍ୱସ୍ତରୀୟ ଆହ୍ୱାନ ସତ୍ତ୍ୱେ ଭାରତ ତା'ର ଦୃଢ଼ ଅର୍ଥବ୍ୟବସ୍ଥା ବଜାୟ ରଖିଛି ।

## ରଥଯାତ୍ରା-ସ୍ୱେଚ୍ଛାସେବୀ ବୈଠକ

ଶ୍ରୀଜୀଉମାନଙ୍କର ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ସୁରୁଖୁରୁରେ ଆୟୋଜନ କରିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ସହ ଆଜି ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୁରୀ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୁରୀ ଆରକ୍ଷୀ ଅଧିକ୍ଷକ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

## ତାପମାତ୍ରା

ସମଗ୍ର ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଗ୍ରୀଷ୍ମପ୍ରବାହ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ଜାରି ରହିବ। ଆଜି ଓ ଆସନ୍ତାକାଲି ତାପମାତ୍ରା ବୃଦ୍ଧି ପାଇ ସର୍ବାଧିକ ୪୬ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ଉପକୂଳ ଅଞ୍ଚଳକୁ ବାଦ୍ ଦେଲେ ରାଜ୍ୟର ସମସ୍ତ ସ୍ଥାନରେ ଗତକାଲି ଦିନର ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ଥିଲା। ଅନୁଗୁଳ, ବଲାଙ୍ଗିର, ବୌଦ୍ଧ ଓ ନୂଆପଡାରେ ଦିନର ସର୍ବାଧିକ ତାପମାତ୍ରା ୪୪ ଡିଗ୍ରୀରୁ ଅଧିକ ଥିଲା।

## ଏମ୍ସ-୫ମ ପ୍ରତଷ୍ଠା ଦିବସ

ଖୋର୍ଦ୍ଧା ଜିଲ୍ଲା ଏମ୍ସ ମେଡିକାଲ ଟାଙ୍ଗୀ ଶାଖାର ୫ମ ପ୍ରତିଷ୍ଠା ଦିବସ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ପାଳିତ ହୋଇ ଯାଇଛି। ଏହି ଅବସରରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ଟାଙ୍ଗୀ ଅଞ୍ଚଳର ଜନସାଧାରଣଙ୍କୁ ଆହୁରି ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ବୋଲି ଏମସ କର୍ତ୍ତୃପକ୍ଷ କହିଛନ୍ତି।